## ସଂକ୍ଷେପରେ

### ଦୁର୍ଘଟଣାରେ ଦିବ୍ୟାଙ୍ଗଙ୍କ ମୃତ୍ୟୁ

**ଢେଙ୍କାନାଳ ଅଫିସ, ୨୭।୯:** ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ମଙ୍ଗଳପୁର ନିକଟ ମେରାମଣ୍ଡଳୀ-କମଳାଙ୍ଗ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ମଙ୍ଗଳବାର ଦୁର୍ଘଟଣା ଘଟି ଜଣେ ଦିବ୍ୟାଙ୍ଗ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛବି ନାଏକ (୪୫)। ମଙ୍ଗଳବାର ଭୋର୍ ସମୟରେ ଘର ସମ୍ମୁଖ ରାସ୍ତାରେ ଏକ ୪ ଚକିଆ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିବା ସନ୍ଦେହ କରାଯାଉଛି। ଗୁରୁତର ଅବସ୍ଥାରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ। କଣ୍ଟାବଣିଆ ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

### ଗୋଲକବିହାରୀଙ୍କ ସ୍ମୃତିଚାରଣ

**ଢେଙ୍କାନାଳ ଅଫିସ, ୨୭।୯**

ଢେଙ୍କାନାଳର ଏକ ହୋଟେଲରେ ପୁରାତନ ଛାତ୍ରମଣ୍ଡଳୀ ପକ୍ଷରୁ ଭାଷାବିତ୍ ପ୍ରଫେସର ଗୋଲୋକ ବିହାରୀ ଧଳଙ୍କ ସ୍ମୃତିଚାରଣ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ନାର ରାଜ୍ୟ ସଭାପତି ମନୋରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଶିଳ୍ପୀ ପରେଶ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବିଦ୍ୟାଧର ବେହେରା ଯୋଗ ଦେଇ ଛାତ୍ର ଜୀବନର ଅନୁଭୂତି ବଖାଣିଥିଲେ। ଶିକ୍ଷାବିତ୍ ବିଶ୍ୱନାଥ ମହାପାତ୍ର, ଡ. ନିର୍ମଳ ସୁନ୍ଦର ମିଶ୍ର, ଡ. ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ପ୍ରଫେସର ଧଳଙ୍କୁ ଜଣେ ବିରଳ ବ୍ୟକ୍ତିତ୍ୱ ବୋଲି ଅଭିହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ସିବିଆଇର ପୂର୍ବତନ ବିଚାରପତି ଭିକାରି ଚରଣ ରାଉତ, ପ୍ରଫେସର ଦିଲୀପ ନନ୍ଦ ଉପସ୍ଥିତ ଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି ବାହାଦୁର ପାଟସାହାଣୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବାବେଳେ ସାମାଜିକକର୍ମୀ ସରୋଜ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଐତିହ୍ୟ ଜାଣିଲେ ଅନ୍ତେବାସୀ

**ଢେଙ୍କାନାଳ ଅଫିସ, ୨୭।୯:** 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ ଉପଲକ୍ଷେ ଢେଙ୍କାନାଳ ସଦର ବ୍ଲକ ମହର୍ଷି ଦୟାନନ୍ଦ ସର୍ଭିସ୍ ମଶିନ ଶିଶୁଗୃହର ଅନ୍ତେବାସୀମାନେ ଢେଙ୍କାନାଳ ରାଜବାଟୀ, ବିଜ୍ଞାନକେନ୍ଦ୍ର, ଯତନନଗର, ସରଖିଆସ୍ଥିତ ଜୟନ୍ତ ଉଦ୍ୟାନ ପରିଦର୍ଶନ କରିଛନ୍ତି। ରାଜବାଟୀର ଐତିହ୍ୟ, ପରମ୍ପରା, ବିଜ୍ଞାନ କେନ୍ଦ୍ରର ଆବଶ୍ୟକତା ସମ୍ପର୍କରେ ସେମାନେ ଜ୍ଞାନ ଆହରଣ କରିଥିଲେ। ଗୋବିନ୍ଦପୁର ଅଞ୍ଚଳର ସାମାଜିକ କର୍ମୀ ସନ୍ତୋଷ କୁମାର ସ୍ୱାଇଁଙ୍କ ସହାୟତାରେ ଶିଶୁମାନେ ବିଭିନ୍ନ ଜାଗା ପରିଦର୍ଶନ କରିବାର ସୁଯୋଗ ପାଇଥିଲେ। ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟକ୍ରମ ପରିଚାଳିକା ଶୁଭ୍ରା ପ୍ରିୟଦର୍ଶିନୀ ସାହୁ, ତତ୍ତ୍ୱାବଧାରକ ସଞ୍ଜୟ ବେହେରା, କର୍ମଚାରୀ ମଧୁସ୍ମିତା ପଣ୍ଡା, ପ୍ରେମାନନ୍ଦ ବେହେରା, ମୋନାଲିସା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିମ୍ନମାନର ଖାଦ୍ୟକୁ ନା



ବୈଠକରେ ଜିଲାପାଳଙ୍କ ସମେତ ସ୍ୱାସ୍ଥ୍ୟ ଓ ପୋଲିସ ବିଭାଗର ଅଧିକାରୀମାନେ।

- ୧ରୁ ୧୯ ଯାଏ ସ୍ୱତନ୍ତ୍ର ଡ୍ରାଇଭ୍
- ବାଦ୍ ପଡ଼ିବନି ଶିକ୍ଷାନୁଷ୍ଠାନ ଛାତ୍ରାବାସ

**ଢେଙ୍କାନାଳ ଅଫିସ, ୨୭।୯**

ପାର୍ବଣ ଋତୁ ହେଉଛି ବ୍ୟବସାୟର ସମୟ। ବ୍ୟବସାୟୀମାନେ ଏହି ଦୁଇମାସକୁ କରିଥାଆନ୍ତି ଅପେକ୍ଷା। ଅଧିକ ଲାଭ ମନାଭାବ ହେଉ କି ସଚେତନତାର ଅଭାବ ଅନେକ ସମୟରେ ସେମାନେ ଭୁଲିଯାଆନ୍ତି ଖାଦ୍ୟ ନିରାପତ୍ତା। ପାଟିକୁ ସ୍ୱାଦିଷ୍ଟ ଲାଗୁଥିଲେ ମଧ ଗୁଣବତ୍ତା ଅଭାବରୁ ସେସବୁ ପାଲଟିଯାଏ ସ୍ୱାସ୍ଥ୍ୟପକ୍ଷେ ବିଷ। ତେବେ ଚଳିତ ପାର୍ବଣରେ କୌଣସି ପରିସ୍ଥିତିରେ ନିମ୍ନମାନର ଖାଦ୍ୟପଦାର୍ଥ ବିକ୍ରିବାକୁ ପ୍ରଶ୍ରୟ ଦିଆଯିବନାହିଁ ବୋଲି ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ମଙ୍ଗଳବାର ଅନୁଷ୍ଠିତ ସୁରକ୍ଷିତ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଗ୍ରହଣ ସମ୍ପର୍କିତ ଜିଲାସ୍ତରୀୟ ଉପଦେଷ୍ଟା କମିଟି ବୈଠକରେ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ। ଏଥିଲାଗି ପ୍ରଶାସନ ପକ୍ଷରୁ ଅକ୍ଟୋବର ୧ରୁ ୧୯ ଯାଏ ସ୍ୱତନ୍ତ୍ର ଡ୍ରାଇଭ୍ କରାଯିବ। ହୋଟେଲ, ରେଷ୍ଟୁରାଣ୍ଟ, ରାସ୍ତାପାର୍ଶ୍ୱ ଜଳଖିଆ ଦୋକାନ, ଫାଷ୍ଟଫୁଡ୍ ସେଣ୍ଟରଗୁଡ଼ିକରେ ଯାଞ୍ଚ କଡ଼ାକଡ଼ି ହେବ। ସାମାନ୍ୟ ଅବହେଳା ଦୃଷ୍ଟିକୁ ଆସିଲେ ଦୋକାନୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

ଆଗକୁ ଗଣପର୍ବ ଲକ୍ଷ୍ମୀପୂଜା ଥିବାରୁ ନିମ୍ନମାନର ଖାଦ୍ୟପଦାର୍ଥ ବିକ୍ରି ଆଶଙ୍କା ରହିଛି। ଏହାକୁ ପ୍ରତିହତ କରିବାକୁ ମାଜିଷ୍ଟ୍ରେଟ୍, ପୋଲିସ, ଯୋଗାଣ ଅଧିକାରୀ, ଅବକାରୀ ନିରୀକ୍ଷକ, ପ୍ରଶାସନିକ ଅଧିକାରୀଙ୍କୁ ନେଇ ୭ ଜଣିଆ ସ୍କ୍ୱାଡ୍ ଗଠନ କରାଯିବ। ଉକ୍ତ ସ୍କ୍ୱାଡ୍ ନିୟମିତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବ। ଏଥିସହ ପ୍ରତିମାସରେ ଜିଲାର ସ୍କୁଲ, କଲେଜ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ, ହଷ୍ଟେଲରେ ଅନ୍ୟୂନ ଦୁଇଥର ଖାଦ୍ୟର ଗୁଣବତ୍ତା ଯାଞ୍ଚ କରାଯିବ। ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ପାର୍ବଣରେ ବାସି ଖାଦ୍ୟଠାରୁ ଦୂରେଇ ରହି ତଟକା ଖାଦ୍ୟ ଖାଇବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସେହିପରି ସେହିପରି ଜିଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ତମାଖୁ ମୁକ୍ତ ଅଞ୍ଚଳରେ ପରିଣତ କରିବା ନେଇ ସେ ଗୁରୁତ୍ୱାରୋପ କରିଛନ୍ତି। ଶିକ୍ଷାନୁଷ୍ଠାନର ୧୦୦ ମିଟର ପରିଧିରେ ଯେପରି ନିଶାଦ୍ରବ୍ୟ ବିକ୍ରି ନ ହେବ ସେଥିଲାଗି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ବୈଠକରେ ଅତିରିକ୍ତ ଜିଲପାଳ (ରାଜସ୍ୱ) ଉଦୟ ମହାପାତ୍ର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତନ୍ମୟ ଦରୱାନ, ସିଡିଏମ୍‌ଓ ଡା. ଅଶୋକ ଦାଶ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ପୋଲିସ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

### ୬ ମାସରେ ୧୫୨ ଖାଦ୍ୟ ବିକ୍ରି ପ୍ରତିଷ୍ଠାନରେ ଚଢ଼ାଉ

ଢେଙ୍କାନାଳ ଜିଲାରେ ଗତ ଏପ୍ରିଲ୍‌ରୁ ସେପ୍ଟେମ୍ବର ମଧ୍ୟରେ ୧୫୨ଟି ଖାଦ୍ୟ ବିକ୍ରି ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଛି। ଯାଞ୍ଚ ବେଳେ ବିଭିନ୍ନ ସ୍ଥାନରୁ ଅନିୟମିତା ନଜରକୁ ଆସିଥିଲା। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସମ୍ପୃକ୍ତ ଦୋକାନୀଙ୍କଠାରୁ ୨୯ ହଜାର ୯୦୦ଟଙ୍କା ଜରିମାନା ଆଦାୟ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଛି।

# ତପୋବନ ରାସ୍ତା ଶୋଚନୀୟ

**ଢେଙ୍କାନାଳ ଅଫିସ, ୨୭।୯**



ମହିମା ଧର୍ମର ଅନ୍ତୁଡ଼ିଶାଳ ତଥା ମହିମା ଗୋସାଇଁଙ୍କ ଆତ୍ମଯୋଗ ସାଧନାର ପୀଠସ୍ଥଳ କପିଳାସ ଅଭୟାରଣ୍ୟ ଭିତରେ ଥିବା ତପୋବନ ପୀଠ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଗାଡ଼ି ଯାତାୟାତ ତ ଦୂରର କଥା ପାଦରେ ଚାଲିକରି ଯିବା ବି କଷ୍ଟକର ହୋଇପଡ଼ୁଛି। ରାସ୍ତାରେ ବର୍ଷାଜଳ ପ୍ରବାହିତ ହୋଇ ମୋରମ ଧୋଇ ଯାଇଥିବାବେଳେ ଅବଡ଼ାଖାବଡ଼ା ହୋଇ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ରାଜ୍ୟ ସରକାର ତପୋବନର ଉନ୍ନତି ଲାଗି ପ୍ରତିଶ୍ରୁତି ଦେଉଥିବାବେଳେ ତାହା ଫଳପ୍ରଦ ହେଉ ନ ଥିବା ଆଲୋଚନାର ବିଷୟ ହୋଇଛି।

ଅଭୟାରଣ୍ୟ ମଧ୍ୟରେ ଅବସ୍ଥିତ ତପୋବନ ପୀଠର ଉନ୍ନୟନ ଦାୟିତ୍ୱ ବନ ବିଭାଗ ହାତରେ ନ୍ୟସ୍ତ କରାଯାଇଛି। ତେବେ ଅଦ୍ୟାବଧି ରାସ୍ତା ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରାଯାଇନାହିଁ। ତେଣୁ ପ୍ରତିବର୍ଷ ବର୍ଷା ହେଲେ ମାଟି ରାସ୍ତା ଧୋଇଯାଉଛି। ବର୍ଷକୁ ବର୍ଷ ମୋରମ ପକାଇ ଏହାର ମରାମତି କରାଯାଉଥିଲେ ହେଁ ସେହି ଟଙ୍କା ପାଣିରେ ପଡୁଛି। ଆସନ୍ତା ନଭେମ୍ବର ୧୯ରେ କାର୍ତ୍ତିକ ଶୁକ୍ଳ ଦଶମୀ ତିଥିରେ ପୀଠରେ ପ୍ରସିଦ୍ଧ ମେଳା ଅନୁଷ୍ଠିତ ହେବାକୁ ଥିବାବେଳେ ରାସ୍ତାର ଦୁରାବସ୍ଥା ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବଢ଼ାଇଛି। ମେଳା ପୂର୍ବରୁ ରାସ୍ତା ପକ୍କା କରିବା, ଝରଣା ଉପରେ ଆଡ଼ିବନ୍ଧ ନିର୍ମାଣ, ଆତ୍ମସେବା ସ୍ଥଳୀର ଉନ୍ନତୀକରଣ, ସ୍ଥାୟୀ ଭିକ୍ଷା ମଣ୍ଡପ ନିର୍ମାଣ, ସୌର ଆଲୋକ ବ୍ୟବସ୍ଥାର ସୁଦୃଢ଼ୀକରଣ କରିବାକୁ ଢେଙ୍କାନାଳ ଜିଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏଥିସହ ପୀଠକୁ ୫-ଟି ଅଧୀନକୁ ନେବା ଲାଗି ଜିଲାର ଜନପ୍ରତିନିଧି ଉଦ୍ୟମ କରିବାକୁ ପରିଷଦ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି।

# ୬୭୯ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା


ଶିବିରରେ ଜନପ୍ରତିନିଧିଙ୍କ ସମେତ ବ୍ଲକ ପ୍ରଶାସନର ଅଧିକାରୀ।

**ପରଜଙ୍ଗ, ୨୭।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପ୍ରଶାସନ ଏବଂ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହାୟତାରେ ମଙ୍ଗଳବାର ସ୍ଥାନୀୟ ମହେଶ୍ୱନ୍ଦ୍ର ସୁବାହୁସିଂ ନୋଡାଲ ବିଦ୍ୟାପୀଠରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୬୭୯ ଜଣ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ବିଡିଓ ସଂଗ୍ରାମ କେଶରୀ ଭୋଳଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ। ବିଶେଷଜ୍ଞ ଡାକ୍ତରମାନେ ୧୦୦ ଦୃଷ୍ଟିବାଧିତ, ୧୩୫ ମାନସିକ ଅନଗ୍ରସର, ୯୩ ଶ୍ରବଣ ବାଧିତ, ୨୪ ଭେଷଜ, ୩୨୭ ଅସ୍ଥିଶଲ୍ୟ ବିଭାଗର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସାମନ୍ତରାୟ, ବାନାମ୍ବର ନାୟକଙ୍କ ତତ୍ତ୍ୱାବଧାନରେ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।


ଗଁଦିଆ ବ୍ଲକ ଦେଓଗାଁସ୍ଥିତ ଶ୍ରୀ ଚନ୍ଦ୍ରଶେଖରଜୀଉ ହାଇସ୍କୁଲର ଏନ୍‌ସିସି କ୍ୟାଡେଟ୍‌ମାନେ ମଙ୍ଗଳବାର ଢେଙ୍କାନାଳ-କପିଳାସ ରାସ୍ତାରେ ଯାତ୍ରୀଙ୍କୁ ଗୋଲାପ ଦେଇ ସଡ଼କ ସୁରକ୍ଷା ବିଷୟରେ ସଚେତନ କରାଉଛନ୍ତି।

# ଆଦର୍ଶ ବିଦ୍ୟାଳୟରେ ଅବ୍ୟବସ୍ଥା

**ଢେଙ୍କାନାଳ ଅଫିସ, ୨୭।୯**

ଢେଙ୍କାନାଳ ପୌରାଞ୍ଚଳ ୮ନଂ. ୱାର୍ଡ ଅଧୀନ ମହିଷାପାଟସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା ହେଉଥିବା ଅଭିଯୋଗ ହୋଇଛି। ଏହାର ସମାଧାନ ଲାଗି ଅଭିଭାବକମାନେ ମଙ୍ଗଳବାର ଜିଲାପାଳ ସରୋଜ କୁମାର ସେଠୀଙ୍କୁ ଭେଟି ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

ଅଭିଯୋଗ ଅନୁଯାୟୀ, ଆଦର୍ଶ ବିଦ୍ୟାଳୟରେ ବିଶୁଦ୍ଧ ପାନୀୟଜଳ ଅଭାବ ରହିଛି। ନିମ୍ନମାନର ଖାଦ୍ୟ ପ୍ରସ୍ତୁତ କରାଯାଉଥିବାରୁ ଅଧିକାଂଶ ସମୟରେ ଅନ୍ତେବାସୀ ଓପାସରେ ରହୁଛନ୍ତି। ସମସ୍ୟା ବୁଝିବାକୁ ଫୋନ୍ କଲେ ଶିୟକ୍ଷିତ୍ରୀ ଶିକ୍ଷକ ଉଠାଉନାହାନ୍ତି। ସାକ୍ଷାତ୍ କରି ପଚାରିଲେ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରୁଛନ୍ତି। ଭଲ ପାଠପଢ଼ା ହେଉ ନ ଥିବାରୁ ପିଲାମାନଙ୍କ ଅବନତି ହେଉଛି। ଖାଦ୍ୟ ଖାଇବା ପରେ ପାଠପଢ଼ା ପରିବର୍ତ୍ତେ ଖେଳକୁଦ କରାଯାଉଥିବାରୁ ପିଲାମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗୁଡୁଛି। ଏହାର ସମାଧାନ ପାଇଁ ବିଦ୍ୟାଳୟରେ ଅଭିଭାବକ ଏବଂ ସ୍କୁଲ କମିଟି ଗଠନ କରାଯିବାକୁ ଉମେଶ ଚନ୍ଦ୍ର ବେହେରା, ହେମନ୍ତ ମହାରଣା, ଜିତୁ ସେଠୀ, ଜିତେନ୍ଦ୍ର ନାୟକ, ଅଜିତ ଦାସ, ନୃସିଂହ ଚରଣ ମଲ୍ଲିକ ପ୍ରମୁଖ ବହୁ ଅଭିଭାବକ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଏହାପରେ ଜିଲାପାଳ ବିଦ୍ୟାଳୟର ପ୍ରିନ୍ସିପାଲ ଅମିତା ମହାନ୍ତିଙ୍କୁ ଡକାଇ ଆଲୋଚନା କରିଥିଲେ। ଏ ନେଇ ପ୍ରିନ୍ସିପାଲ ମହାନ୍ତି କୁହନ୍ତି, ସେ ନୂତନ ଭବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସମସ୍ତ ସମସ୍ୟା ସମ୍ପର୍କରେ ଅବଗତ ହୋଇ ଏହାର ସମାଧାନ ଲାଗି ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

# ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ

**ଢେଙ୍କାନାଳ ଅଫିସ, ୨୭।୯**

ଢେଙ୍କାନାଳ ଏମ୍‌ପି ମହେଶ ସାହୁ ମଙ୍ଗଳବାର ସଦର ବ୍ଲକ୍ ଗୋହିରାଖାଲ ପଞ୍ଚାୟତ ଗୋହିରାଖାଲ ପ୍ରାଥମିକ ବିଦ୍ୟାଳୟ ଓ କୋଇଲିପଙ୍ଗି ପଞ୍ଚାୟତ ମହୁଲବେରେଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଚେରିର ଶିଳାନ୍ୟାସ କରିଛନ୍ତି। ସାଂସଦଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଉକ୍ତ ଦୁଇ ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହି ଅବସରରେ ସେ ବିଦ୍ୟାଳୟ ପରିଦର୍ଶନ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ମହୁଲବେରେଣୀରେ ପଞ୍ଚାୟତର ମାନ୍ୟଗଣ୍ୟ ବ୍ୟକ୍ତି ଏମ୍‌ପିଙ୍କୁ ସାକ୍ଷାତ୍ କରି ସମସ୍ୟା ଜଣାଇଥିଲେ। ଏମ୍‌ପି କାକୁଡ଼ିଭାଗ ଗ୍ରାମର ଅଗ୍ନି ବିପନ୍ନ ମୁରଲିଧର ସାହୁଙ୍କୁ ଭେଟି ସାନ୍ତ୍ୱନା ଜଣାଇଥିଲେ। ପଶ୍ଚିମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ସେବାୟତଙ୍କୁ ସାକ୍ଷାତ୍ ପୀଠର ଉନ୍ନୟନମୂଳକ କାର୍ଯ୍ୟ, ପରିଚାଳନା ସମ୍ପର୍କରେ ପଚାରି ବୁଝିଥିଲେ।


ମହୁଲବେରେଣୀ ସ୍କୁଲ ପାଚେରି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ସମେତ ଅନ୍ୟମାନେ।

ଏମ୍‌ପିଙ୍କ ବ୍ୟକ୍ତିଗତ ସଚିବ ମାତୃପ୍ରସାଦ ମିଶ୍ର, ସଦର ବ୍ଲକ୍ ପ୍ରତିନିଧି ଅର୍ଜୁନ ସାହୁ, କାକୁଡ଼ିଭାଗ ସମିତିସଭ୍ୟା ମିନତି ପଣ୍ଡା, ସରପଞ୍ଚ ରୀନା ସାହୁ, ଗ୍ରାମ ସଭାପତି ପୁରୁଷୋତ୍ତମ ସାହୁ, ମହିଳାନେତ୍ରୀ ଗୀତାଞ୍ଜଳି ବେହେରା, ବାବୁଲି ମହାରଣା, କୈଳାସ ସାହୁ, ମାନସ ପଣ୍ଡା, ପ୍ରଭାତ ପ୍ରତିହାରୀ, କୈଳାସ ମହାପାତ୍ର, ନବକିଶୋର ପାଣିଗ୍ରାହୀ, ପ୍ରଦୀପ ପଣ୍ଡା, ରମେଶ ରାଜ, ଇନ୍ଦ୍ରମଣି ଜେନା, ଜୟକୃଷ୍ଣ ପଣ୍ଡା, ପ୍ରଶାନ୍ତ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ବକ୍ତୃତାରେ ଶୁଭସ୍ମିତା, କୁଇଜ୍‌ରେ କାମିନୀ ଶ୍ରେଷ୍ଠ

**ଢେଙ୍କାନାଳ ଅଫିସ, ୨୭।୯**

ବିଶ୍ୱପର୍ଯ୍ୟଟନଦିବସ ଉପଲକ୍ଷେ ଆୟୋଜିତ ବକ୍ତୃତା ଓ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଙ୍ଗଳବାର ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ ପୁରସ୍କୃତ କରିଛନ୍ତି। ହାଇସ୍କୁଲସ୍ତରୀୟ ବକ୍ତୃତାରେ ବିବି ହାଇସ୍କୁଲର ଶୁଭସ୍ମିତା ସାହୁ ପ୍ରଥମ, ଆଶୁତୋଷ ତ୍ରିପାଠୀ ଦ୍ୱିତୀୟ, ସୁଲକ୍ଷଣା ଦେବୀ ହାଇସ୍କୁଲର ବିପାଶା ପରିଡା ଏବଂ ଅର୍ପିତା ଜେନା ଯୁଗ୍ମ ତୃତୀୟ ହୋଇଛନ୍ତି। କଲେଜସ୍ତରୀୟ କୁଇଜ୍‌ରେ ମହିଳା କଲେଜର କାମିନୀ ପରିଡା ପ୍ରଥମ, ରାଜେଶ୍ୱରୀ ନାୟକ ଦ୍ୱିତୀୟ, ମୋନାଲିସା ପୃଷ୍ଟି ଓ ଲକ୍ଷ୍ମିପ୍ରିୟା ଭୂତିଆ ଯୁଗ୍ମ ଭାବେ ତୃତୀୟ ହୋଇଛନ୍ତି। ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୧୦୦୦, ୮୦୦ ଏବଂ ୬୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। କୁଇଜ୍ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀ ଚିଲିକା ଭ୍ରମଣର ସୁଯୋଗ ପାଇବେ ବୋଲି ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ ସୂଚନା ଦେଇଛନ୍ତି।


ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀମାନେ।

# ନୋଟିସ୍‌କୁ ନେଇ ଉଦ୍‌ବେଗ

**କାମାକ୍ଷାନଗର, ୨୭।୯(ଡି.ଏନ୍.ଏ.)**

### ମେଲଣ ପଡ଼ିଆ ଜମି ଜବରଦଖଲ ଅଭିଯୋଗ

କାମାକ୍ଷାନଗର ବ୍ଲକ ଖୋକ୍‌ସା ଗ୍ରାମସ୍ଥିତ ରାଧାକୃଷ୍ଣ ମେଲଣ ପଡ଼ିଆର ୫୦ ଡେସିମିଲ ଜମି ଜବରଦଖଲ ହୋଇଥିବା ଅଭିଯୋଗ ହୋଇଛି। ତହସିଲ ପ୍ରଶାସନ ପକ୍ଷରୁ ନୋଟିସ୍ ଜାରି କରାଯାଇଥିବାବେଳେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ସେମାନେ ମଙ୍ଗଳବାର ଉପଜିଲାପାଳଙ୍କ ଫେରାଦ ହୋଇଛନ୍ତି।

ଗ୍ରାମବାସୀଙ୍କ କହିବା କଥା, ଦୀର୍ଘବର୍ଷ ହେଲା ରାଧାକୃ ମେଲଣ ପଡ଼ିଆର ୨ ଏକର ୮୮ ଡେସିମିଲ ଜମିକୁ ଗାଁ ଲୋକେ ବ୍ୟବହାର କରୁଛନ୍ତି। ତନ୍ମଧ୍ୟରୁ ମାତ୍ର ୫୦ ଡେସିମିଲ ଜମି ଜବରଦଖଲ ହୋଇଥିବା ନୋଟିସ୍ ଆସିଛି। ତେଣୁ ମେଲଣ ପଡ଼ିଆର ଅବଶିଷ୍ଟ ଜମିକୁ କେତେଜଣ ବ୍ୟକ୍ତି କବ୍‌ଜା କରି ନେଇଥିବା ସେମାନେ ସନ୍ଦେହ କରୁଛନ୍ତି। ଏହାର ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ଗ୍ରାମର ଗିରୀଶ ଚନ୍ଦ୍ର ପ୍ରଧାନ, ବିଶ୍ୱଜିତ୍ ସ୍ୱାଇଁ, ବାଇଧର ବେହେରା, ଦେବରାଜ ବେହେରା, କୃଷ୍ଣ ସାମଲ, ଅନ୍ତର୍ଯ୍ୟାମୀ ବେହେରା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଦେବରାଜ ରାଉତ, କିଶୋର ପ୍ରଧାନ ପ୍ରମୁଖ ଉପଜିଲାପାଳଙ୍କୁ ନିବେଦନ କରିଛନ୍ତି।

ଏ ସଂକ୍ରାନ୍ତରେ ଅତିରିକ୍ତ ତହସିଲଦାର ଝସକେତନ ନାୟକ କୁହନ୍ତି, ଉକ୍ତ ପଡ଼ିଆର ୫୦ ଡେସିମିଲ୍ ଜମି ଉପରେ ଜବରଦଖଲ ଅଭିଯୋଗ ଆସିଥିଲା। ତଦନୁଯାୟୀ କାର୍ଯ୍ୟାଳୟ ତରଫରୁ ନୋଟିସ ଜାରି କରାଯାଇଛି। ଗ୍ରାମବାସୀ କିଛି ନ ବୁଝି ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



# 'ମଞ୍ଚ ନାଟକର ମାନ କମିନାହିଁ'

**କାମାକ୍ଷାନଗର, ୨୭।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମସ୍ଥିତ ଗଡ଼ଜାତ ଭବନ ପରସରରେ ନାଟ୍ୟାନୁଷ୍ଠାନ 'ଭୂମିକା' ପକ୍ଷରୁ ଓଡ଼ିଶା ନାଟ୍ୟସଂଘ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲା ସଂଯୋଜକ ତଥା ନାଟ୍ୟକାର ମଧୁସୂଦନ ଷେଣ୍ଢଙ୍କ ସଭାପତିତ୍ୱରେ 'ଅଙ୍ଗେନିଭା କଥା- ମଞ୍ଚ ନାଟକର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କଳାପରିଷଦର ପ୍ରତିଷ୍ଠାତା ସଭାପତି ତଥା ନାଟ୍ୟସଂଘର ଉପଦେଷ୍ଟା ଦିଲ୍ଲୀଶ୍ୱର ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ମଞ୍ଚରେ ଚରିତ୍ରକୁ ଅନୁଭବ କରିପାରିଲେ ନାଟକ ଦର୍ଶକଙ୍କ ନିକଟରେ ପହଞ୍ଚିପାରିବ। ସମ୍ପ୍ରତି ପରିବେଷଣ କରାଯାଉଥିବା ମଞ୍ଚ ନାଟକର ମାନ ଆଦୌ କମିନାହିଁ ବରଂ ପ୍ରତ୍ୟେକ ନାଟକ ସମାଜକୁ କିଛି ନା କିଛି ବାର୍ତ୍ତା ଦେଉଛି। ସମ୍ମାନିତ ଅତିଥି ଭାବେ ନାଟ୍ୟକାର ଦୀନେଶ ଦାସ କହିଲେ, ନାଟକ ଜୀବନ ଜିଇଁବା ଶିଖାଇଥାଏ। ମଣିଷଟିଏ ତିଆରି ହେବା ପାଇଁ ନାଟକ ମହୌଷଧି ଭଳି କାର୍ଯ୍ୟ କରେ। ହାସ୍ୟାଭିନେତା ଇନ୍ଦ୍ରମଣି ବେହେରା, ଶତ୍ରୁଘ୍ନ ମାଟି, ଅଭିନେତା ଅଶୋକ ଦାସ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ।


କାର୍ଯ୍ୟକ୍ରମରେ ନାଟ୍ୟ ସଂଘର ସଦସ୍ୟଙ୍କ ସମେତ ଅନ୍ୟମାନେ।

### ଓଡ଼ିଶା ନାଟ୍ୟ ସଂଘ ଦିବସ ପାଳିତ

କାର୍ଯ୍ୟକାରୀ ସଭାପତି ବାଳକୃଷ୍ଣ ନାୟକ, ନାଟ୍ୟ ନିର୍ଦ୍ଦେଶକ ଗୋବର୍ଦ୍ଧନ ବାରିକ, ମନୋଜ କୁମାର ସାହୁ, ଜଗଦୀଶ ତ୍ରିପାଠୀ, ସଙ୍ଗୀତ ନିର୍ଦ୍ଦେଶକ ଦିଲୀପ ରାଉତ, 'ଭୂମିକା'ର ଯୁଗ୍ମ ସମ୍ପାଦକ ବିମଳ ପରିଡ଼ା, ପଦ୍ମଚରଣ ମୁଦୁଲି, ଚନ୍ଦ୍ରମଣି ଲେଙ୍କା, ମଣ୍ଟୁ ପ୍ରଧାନ, ନାଟ୍ୟାନୁଷ୍ଠାନ 'କଳାପରିଷଦ', 'ଅଲଟରନେଟିଭ ରିଦିମ୍ ଥିଏଟର'ର କାର୍ଯ୍ୟକର୍ତ୍ତାଙ୍କ ସମେତ ଜିଲାର ବହୁ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, କଳାକାର ଉପସ୍ଥିତ ରହି ମଞ୍ଚ ନାଟକର ଅନୁଭୂତି ବଖାଣିଥିଲେ। ପ୍ରତିଷ୍ଠାତା ସମ୍ପାଦକ ନିରଞ୍ଜନ ସାହୁ, ଉପଦେଷ୍ଟା ଶ୍ରୀରାମ ରାଉତ, ସମ୍ପାଦକ ହାଡ଼ିବନ୍ଧୁ ମହାନ୍ତି, ଇନ୍ଦ୍ରଜିତ୍ ପଟ୍ଟନାୟକ, ଗୋପାଳ ଚନ୍ଦ୍ର ନାଥ, ମନୋଜ ରାଉଳ, ସୁନୀଲ ସାହୁ, ପଙ୍କଜ ଛୋଟରାୟ, ସୌଭାଗ୍ୟ ନନ୍ଦ, ଅଥୟ ନାୟକ, ସମରେନ୍ଦ୍ର ନାୟକ, ଅମିତ ନାୟକ, ପରେଶ ଖୁଣ୍ଟିଆ, ବଳରାମ ବାରିକ, ହିମାଦ୍ରୀ ଦାସ, ଗଣେଷ ମହାକୁଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

